ପ୍ରମେୟ
THE PRAMEYA

23/01/2018

# 'ନିସ୍'ରେ ଶିକ୍ଷକ ସମ୍ମିଳନୀ

ଯାଁଳା ୨୧।୧(ଆ.ପ୍ର.): ମଦନପୁର ସ୍ଥିତ ନିସ୍ ଜୁନିଅର କଲେଜ ପରିସରରେ ଖୋର୍ଦ୍ଧା ଶିକ୍ଷା ଜିଲ୍ଲା ଓ ଓଷ୍ଟା ଶିକ୍ଷକ ସଂଘର ମିଳିତ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟସ୍ତରରେ ଗୁଣାତ୍ମକ ଶିକ୍ଷାର ମାନବୃଦ୍ଧି , ଛାତ୍ରଛାତ୍ରୀ ଉନ୍ନତମାନର ଶିକ୍ଷା ଗ୍ରହଣ କରି ଉତ୍ତୋରତ୍ତର ଉନ୍ନତି ସହିତ ଭବିଷ୍ୟତରେ କର୍ମାଭିମୁଖୀ ହୋଇପାରିବେ ତାହା ଥିଲା ଶିକ୍ଷକ ସମ୍ମିଳନୀର ମୂଳଲକ୍ଷ୍ୟ। ସମ୍ପାଦକ ସୁଭାଷ ଚନ୍ଦ୍ର ପଟ୍ଟନାୟକ, ଡିନ ଡକ୍ଟର ଶ୍ରୁତିକାନ୍ତ ଦୀକ୍ଷିତ, ସହପ୍ରତିଷ୍ଠାତା ଶ୍ରୀମତୀ ସ୍ମୃତିସୁଧା ନାୟକ, ଅଧ୍ୟକ୍ଷ ଡକ୍ଟର ସରୋଜ କାନ୍ତ ମିଶ୍ର ପ୍ରମୁଖ ଯୋଗଦେଇ ସେମାନଙ୍କର ସାରଗର୍ଭକ ଭାଷଣ ଦେଇଥିଲେ। ଶିକ୍ଷକ ସମ୍ମିଳନୀ ଗଣିତ ବିଭାଗୀୟ ମୁଖ୍ୟ ପ୍ରଫେସର ଆଦିତ୍ୟ ପ୍ରସାଦ ନାୟକଙ୍କ ପ୍ରତ୍ୟକ୍ଷ ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ସମଗ୍ର ଖୋର୍ଦ୍ଧା ଜିଲ୍ଲାର ୨ଶହରୁ ଉର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ସମ୍ମିଳନୀକୁ ଉତ୍ସବମୁଖରୀତ କରିଥିଲେ ବୋଲି ପ୍ରଶାସନିକ ଅଧିକାରୀ ପୀତାମ୍ବର ଚଉଣୀ ପ୍ରକାଶ କରିଥିଲେ।

HURRY UP !!
REPUBLIC DAY